# ବିଶ୍ୱ ମୃତ୍ତିକା ଦିବସ ପାଳିତ ।

## ୧୪ଜଣ ଚାଷୀଙ୍କୁ ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ ପ୍ରଦାନ ।

ଅନୁଗୋଳ,ତା.୫.୧୨ :- ମୃତ୍ତିକାର ସୁରକ୍ଷା ଓ ଏହାର ଯତ୍ନ ନେଇ ଜୈବିକ ସାର ପ୍ରୟୋଗରେ ଅଧିକ ଅମଳ ପାଇବା ସମ୍ପର୍କରେ ବିଶ୍ୱ ମୃତ୍ତିକା ଦିବସ ପାଳନ ହେଉଛି । ଥାଇଲାଣ୍ଡର ରାଜା ଏଚ କେ ଭୂମିପୁତ୍ର ନିଜ ରାଜ୍ୟର ଜମିର ଉର୍ବରତା ବଜାୟ ରଖିବା ସହ ମୃତ୍ତିକା କ୍ଷୟକୁ ବନ୍ଦ କରିବା ନିମନ୍ତେ ଅନେକ ଫଳପ୍ରଦ ପଦକ୍ଷେପ ନେଇଥିଲେ । ତାଂକର ଜନ୍ମଦିବସ ଡିସେମ୍ବର ୫ ତାରିଖକୁ ସାରା ବିଶ୍ୱରେ ମୃତ୍ତିକା ଦିବସ ଭାବେ ପାଳନ କରାଯାଉଛି । ଜିଲ୍ଲା ସ୍ତରରେ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଆଜି ପୂର୍ବାହ୍ନ ଆୟୋଜିତ କାର୍ଯ୍ୟକ୍ରମରେ ଜିଲ୍ଲାପରିଷଦ ଅଧ୍ୟକ୍ଷା ଶ୍ରୀମତୀ ବାସନ୍ତୀ କିଷାନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପାରମ୍ପରିକ ଚାଷ ପ୍ରଣାଳୀ ଓ ରାସାୟନିକ ସାର ତଥା କୀଟନାଶକ ବ୍ୟବହାର ନକରି ବୈଜ୍ଞାନିକ ପ୍ରଣାଳୀରେ ଜୈବିକ ସାର ପ୍ରୟୋଗ କରି ଅଧିକ ଫସଲ ଅମଳ କରିବାକୁ ପରାମର୍ଶ ଦେଇଥିଲେ । ମାଟିକୁ ସଠିକ ଭାବେ ପରୀକ୍ଷା କରି ସେହି ଅନୁଯାୟୀ ଫସଲ ଚାଷ କଲେ ଚାଷୀମାନେ ଲାଭବାନ ହୋଇପାରିବେ ବୋଲି ସେ ମତବ୍ୟକ୍ତ କରିଥିଲେ । ଜିଲ୍ଲା କୃଷି ବିଭାଗ ଓ କୃଷି ବିଜ୍ଞାନ କେନ୍ଦ୍ରର ମିଳିତ ସହଯୋଗରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଶ୍ରୀ ମନୋଜ କୁମାର ମହାନ୍ତି ଅଧ୍ୟକ୍ଷତା କରି ମାଟି ପରୀକ୍ଷା ଆଧାରରେ ସଠିକ ଫସଲ ଚାଷ କଲେ ଚାଷୀମାନେ ଅଧିକ ଫସଲ ଅମଳ କରିପାରିବେ ବୋଲି ମତବ୍ୟକ୍ତ କରିଥିଲେ । କୃଷିର ଉନ୍ନତି ନିମନ୍ତେ ସରକାରଙ୍କ ବିଭିନ୍ନ କାର୍ଯ୍ୟକ୍ରମର ସୁଫଳ ନେବା ସହ ଆଧୁନିକ ପ୍ରଣାଳୀରେ ଚାଷ କରି ଜୈବିକ ଖତସାର ପ୍ରୟୋଗ ଉପରେ ଜିଲ୍ଲାପାଳ ଗୁରୁତ୍ୱାରୋପ କରିଥିଲେ । ସାଂପ୍ରତିକ ପରିସ୍ଥିତିରେ ବିଶ୍ୱ ଜଳବାୟୁ ପରିବର୍ତ୍ତନକୁ ଦୃଷ୍ଟିରେ ରଖି ଚାଷ ସମୟରେ ସୃଷ୍ଟି ହେଉଥିବା ସମସ୍ୟାର ସମ୍ମୁଖୀନ ହେବାକୁ ସେ ପରାମର୍ଶ ଦେଇଛନ୍ତି । ବର୍ତ୍ତମାନ ଜଳ ସ୍ତର ଦିନକୁ ଦିନ ବୃଦ୍ଧି ପାଉଥିବାରୁ ସ୍ଥଳଭାଗର ସୁରକ୍ଷା ନିମନ୍ତେ ମୃତ୍ତିକା ସଂରକ୍ଷଣ ଉପରେ ସେ ଗୁରୁତ୍ୱାରେପ କରିଥିଲେ । ରାଜ୍ୟ ସରକାର କୃଷକମାନଙ୍କର ହିତକୁ ଦୃଷ୍ଟିରେ ରଖି ଅନେକ ଯୋଜନା କାର୍ଯ୍ୟକାରୀ କରୁଛନ୍ତି । ବିଭାଗୀୟ ଅଧିକାରୀମାନେ ଏହି ସବୁ ଯୋଜନାକୁ ସଫଳତାର ସହ କାର୍ଯ୍ୟକାରୀ କରିବାକୁ ସେ ପରାମର୍ଶ ଦେଇଛନ୍ତି । ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଶ୍ରୀ ବିଜୟ କୁମାର ମହାପାତ୍ର ସମସ୍ତଙ୍କୁ ସ୍ୱାଗତ ଜଣାଇବା ସହ ମାଟିର ସ୍ୱାସ୍ଥ୍ୟ ପରିକ୍ଷା ସମ୍ପର୍କରେ ଜ୍ଞାନ ଆହରଣ କରି ନିଜ କ୍ଷେତରେ ଉପଯୁକ୍ତ ଫସଲ ଚାଷ କରି ଲାଭବାନ ହେବାକୁ ଚାଷୀମାନଙ୍କୁ ପରାମର୍ଶ ଦେଇଥିଲେ । ଜିଲ୍ଲା ମୁଖ୍ୟ ପ୍ରାଣୀ ସମ୍ପଦ ଅଧିକାରୀ ଡ.ଚିତ୍ତରଞ୍ଜନ ଆଚାର୍ଯ୍ୟ ନିଜ ବିଭାଗୀୟ କାର୍ଯ୍ୟକ୍ରମ ସମ୍ପର୍କରେ ଚାଷୀମାନଙ୍କୁ ଅବଗତ କରିଥିଲେ । ପ୍ରାରମ୍ଭରେ କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଡା.ବିନିତା ଶତପଥି ବିଶ୍ୱ ମୃତ୍ତିକା ଦିବସ ପାଳନର ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ । ଏହି ଦିବସ ୨୦୧୫ ମସିହାରୁ ପାଳନ ହୋଇଆସୁଛି । ମାଟିର ଉର୍ବରତାକୁ ବଂଚାଇ ରଖିବା ସହ ଏହାର ପରିକ୍ଷା କରାଯାଇ ଉତ୍ପାଦନ କ୍ଷମତା ବୃଦ୍ଧି କରିବା ସମ୍ପର୍କରେ ସଚେତନତା ସୃଷ୍ଟି କରିବା ହେଉଛି ଏହି ଦିବସ ପାଳନର ମୁଖ୍ୟ ଉଦ୍ଦେଶ୍ୟ । ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡର ସଠିକ୍ ବ୍ୟବହାର କରି ଏହାର ସୁଫଳ ପାଇବା ଉପରେ ସେ ଆଲୋକପାତ କରିଥିଲେ । ଏଫ୍ ଇ ଏସର ଟିମ୍ ଲିଡର ସ୍ୱପ୍ନାଶ୍ରୀ ସତ୍ପଥୀ, ମୃତ୍ତିକା ରସାୟନବିତ୍ ଅନୁଗୋଳର ଶ୍ରୀ ହେମନ୍ତ କୁମାର ପଡିହାରୀ ଓ ଢେଙ୍କାନାଳର ମିନାକ୍ଷୀ ପୃଷ୍ଟି ଓ ଆତ୍ମାର ଡି ପି ଡି ଶ୍ରୀ ବିଦ୍ୟାଧର ସାହୁ ସାଧନକର୍ମୀ ଭାବେ ମାଟିର ସୁରକ୍ଷା ଓ ଏହାର ଯତ୍ନ ନିମନ୍ତେ ମାଟି ନମୁନା ସଂଗ୍ରହ ଓ ପରିକ୍ଷା ସମ୍ପର୍କରେ ପାୱାର ପଏଣ୍ଟ ଉପସ୍ଥାପନ କରିଥିଲେ । ଏହି ଉପଲକ୍ଷେ ୧୪ ଜଣ ଚାଷୀଙ୍କୁ ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ ବଣ୍ଟନ କରାଯାଇଥିଲା । ମାଟିର ସ୍ୱାସ୍ଥ୍ୟକୁ କିପରି ପରିଚାଳନା କରାଯିବ ସେ ସମ୍ପର୍କରେ ଏକ ପ୍ରାମାଣିକ ଚଳଚିତ୍ର ପ୍ରଦର୍ଶିତ ହେବା ସହ ମାଟି ପରିକ୍ଷା ଆଧାରରେ

ସନ୍ତୁଳିତ ସାର ପ୍ରୟୋଗକୁ ନେଇ ଏକ ଭ୍ରାମ୍ୟମାଣ ମୃତ୍ତିକା ପରିକ୍ଷାଗାରରେ ମାଟିର ନମୁନା ପରିକ୍ଷା ପ୍ରଦର୍ଶିତ ହୋଇଥିଲା । ସେହିପରି ଜଳ ବିଭାଜିକା,କୃଷି ବିଜ୍ଞାନ କେନ୍ଦ୍ର ଓ ଉଦ୍ୟାନ କୃଷି ବିଭାଗ ତରଫରୁ ପ୍ରଦର୍ଶନୀ ମଣ୍ଡପ ଖୋଲାଯାଇ ଚାଷୀମାନଂକୁ ଉନ୍ନତ ଚାଷ ପ୍ରଣାଳୀ ସମ୍ପର୍କରେ ଅବଗତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ବିଭିନ୍ନ ବ୍ଲକ୍ ଅଂଚଳରୁ ଅଗ୍ରଣୀ ଚାଷୀଂକ ସମେତ ବିଭିନ୍ନ ବିଭାଗୀୟ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ ।




WORLD SOIL DAY CELEBRATION
DT. 05.12.2019


WORLD SOIL DAY CELEBRATION
DT. 05.12.2019
ORGANISED BY


WORLD SOIL DAY
VENUE: ZILLA PARISHAD
HALL, ANGUL
ORGANISED
ANGUL
FES